MSSRF
Science for Sustainable Development

# ପୁଷ୍ଟି ସାଧନ ପାଇଁ କୃଷି ପ୍ରଣାଳୀ

LANSA
Leveraging Agriculture for Nutrition in South Asia

ଦକ୍ଷିଣ ଏସିଆର ଅଧିକାଂଶ ଲୋକମାନଙ୍କର ଜୀବନ ଜୀବିକାର ମୁଖ୍ୟ ଉତ୍ସ ହେଉଛି କୃଷି ଓ ଏହା ସହ ଜଡିତ ଅନ୍ୟାନ୍ୟ କାମ। ପୁଷ୍ଟି ସାଧନର ଉନ୍ନତି ପାଇଁ ଏକ ଦୃଢ ଚାଳକ ଭାବରେ ଆଗକୁ ବଢିବାର ଏହା ମଧ୍ୟରେ ସାମର୍ଥ୍ୟ ରହିଛି। ଏହା ସତ୍ତ୍ୱେ ଦକ୍ଷିଣ ଏସିଆର ଅପପୁଷ୍ଟି ବୃଦ୍ଧିହାର ସାରା ପୃଥିବୀ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି।

କୃଷି ପ୍ରଣାଳୀ ମାଧ୍ୟମରେ ଅପପୁଷ୍ଟି ସମସ୍ୟାର ଦୂରୀକରଣ ସକାଶେ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ଲାନ୍‌ସା ପ୍ରକଳ୍ପ ଏକ ଗବେଷଣାତ୍ମକ କାର୍ଯ୍ୟକ୍ରମ ଜରିଆରେ ବିଗତ ଚାରି ବର୍ଷଧରି ଅଧ୍ୟୟନ କରି ଚାଲିଛି । ଏହି ଅଧ୍ୟୟନର ମୁଖ୍ୟ ଗବେଷଣାତ୍ମକ ଦିଗ ହେଉଛି, ପୁଷ୍ଟି ସାଧନ ନିମିତ୍ତ ଅନୁରୂପ କୃଷିଭିତିକ ନକ୍ସାର ପରିକଳ୍ପନା ଓ ପ୍ରସାରଣ କରିବା ।

"ପୁଷ୍ଟି ସାଧନ ପାଇଁ କୃଷି ପ୍ରଣାଳୀ"ର ପ୍ରାରମ୍ଭିକ ଉଦ୍ୟମର ପରିକଳ୍ପନାର ରୂପାଙ୍କନ ସବୁଜ ବିପ୍ଳବର ଉଦ୍ଭାବକ ତଥା ଏମ୍.ଏସ୍.ଏସ୍.ଆର୍.ଏଫ୍ ପ୍ରତିଷ୍ଠାନର ପ୍ରତିଷ୍ଠାତା ଏମ୍.ଏସ୍. ସ୍ୱାମୀନାଥନ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଲା ପୁଷ୍ଟି ସାଧନ, ବଜାର ଅବସ୍ଥା, ସଂପ୍ରଦାୟ ପ୍ରାଧାନ୍ୟ, ସଂପ୍ରତିକୁ ଭିତ୍ତି କରି ଓ ଚାଷୀ ପରିବାରର ଆବଶ୍ୟକତାକୁ ଆଖି ଆଗରେ ରଖି ପୁଷ୍ଟିପୋଷକ ଫସଲ (ଉଭୟ ପ୍ରାକୃତିକ ଓ ଜୀବସାର ଯୁକ୍ତ), ମାଛ ଚାଷ ଓ ବନୀକରଣ ମାଧ୍ୟମରେ ପୁଷ୍ଟି ସାଧନ ଫସଲର ଏକତ୍ରୀକରଣ କରିବା। ନିଜ ବାଡ ଜମିରେ ଫଳ ଓ ପନିପରିବା ଲଗାଇ ପୁଷ୍ଟିପୋଷକ ବଗିଚା ନିର୍ମାଣ ପାଇଁ ପ୍ରୋତ୍ସାହନ ଦେବା ଏହି ପ୍ରକଳ୍ପର ଏକ ଆବଶ୍ୟକୀୟ ଅଂଶ ଅଟେ। ଏତଦ୍‌ବ୍ୟତିତ ପୁଷ୍ଟି ସମ୍ବନ୍ଧିୟ ସଚେତନତା ମଧ୍ୟ ଏହି କାର୍ଯ୍ୟକ୍ରମର ଏକ ମୁଖ୍ୟ ଅଂଶବିଶେଷ।

## ଅଧ୍ୟୟନ କ୍ଷେତ୍ର

ଏହି ପ୍ରକଳ୍ପ ବର୍ତ୍ତମାନ କୋରାପୁଟ ଜିଲ୍ଲାରେ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ୭ଟି ଗ୍ରାମରେ (୬୫୮ ପରିବାର, ୨୮୪୫ ଜନସଂଖ୍ୟା) କାର୍ଯ୍ୟକାରୀ ହେଉଛି। ପ୍ରଥମ ବର୍ଷରେ ସର୍ବେକ୍ଷଣ ଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କର ପୁଷ୍ଟି ରେଖା ପ୍ରସ୍ତୁତ କରାଯାଇଛି, ଯେଉଁଥିରୁ ଜଣାପଡିଛି ଯେ, ଏହି ଅଞ୍ଚଳରେ ୪୦ ପ୍ରତିଶତ ୫ ବର୍ଷରୁ କମ ଶିଶୁ, ବୟସ ଅନୁଯାୟୀ ଓଜନ କମ୍, ୩୫ ପ୍ରତିଶତ ବୟସ ଅନୁଯାୟୀ ଉଚ୍ଚତା କମ୍ ଏବଂ ୨୭ ପ୍ରତିଶତ ଉଚ୍ଚତା ଅନୁଯାୟୀ ଓଜନ କମ୍ ରହିଛି । ପ୍ରାୟତଃ ୩୩ ପ୍ରତିଶତ ଶିଶୁ ଭିଟାମିନ୍ 'କ' ଦ୍ୱାରା ପୀଡିତ । ୩୯ ପ୍ରତିଶତ ପୁରୁଷ ଓ ୪୭ ପ୍ରତିଶତ ମହିଳା




ଅପପୁଷ୍ଟି, ୫ ବର୍ଷରୁ କମ୍ ଶିଶୁ, କିଶୋରୀବାଳିକା ଏବଂ ମହିଳା (୧୮ରୁ ୪୫ ବୟସ) ମାନଙ୍କଠାରେ ୬୦ ପ୍ରତିଶତରୁ ଅଧିକ ରକ୍ତହୀନତା ଦେଖିବାକୁ ମିଳିଲା । ସେମାନଙ୍କର ସନ୍ତୁଳିତ ଆହାରରେ ଅଧିକ ମାତ୍ରାରେ ଭାତ ଏବଂ ମାଣ୍ଡିଆ ଦେଖିବାକୁ ମିଳେ ଏବଂ ଅନୁମୋଦିତ ଆହାର ତୁଳନାରେ ସେମାନେ ଖୁବ୍ କମ ପରିମାଣର ପନିପରିବା ଖାଇଥାନ୍ତି। ଗବେଷଣା ଓ ପୁଷ୍ଟି କ୍ଷେତ୍ରକୁ ବିଚାର କରି ଓ ଚାଷୀମାନଙ୍କ ସହ ଆଲୋଚନା କରି ଏହି ଏଫ୍.ଏସ୍.ଏନ୍. କାର୍ଯ୍ୟକ୍ରମଟି ପ୍ରସ୍ତୁତ କରାଯାଇଛି ।

## ଚିତ୍ର- ୧ - ଏଫ୍.ଏସ୍.ଏନ୍ ଦୃଷ୍ଟିକୋଣ




## ଚିତ୍ର - ୨ : ଏଫ୍. ଏସ୍. ଏନ୍ କାର୍ଯ୍ୟକ୍ରମ




### ପୁଷ୍ଟିଯୁକ୍ତ ଫସଲ

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପୁଷ୍ଟିଯୁକ୍ତ ପ୍ରମୁଖ ଫସଲ ଯଥା ମାଣ୍ଡିଆ ଓ ଡାଲି ଜାତୀୟ ଫସଲ (ମୁଗ, ବିରି, କାନ୍ଦୁଲ) ଏବଂ ଏମାନଙ୍କର ଉନ୍ନତ ଓ ପୁଷ୍ଟିଯୁକ୍ତ କିସମ ଗୁଡିକର ବ୍ୟବହାର ସହ ଉନ୍ନତ ଗୃଷ ପ୍ରଣାଳୀ ଯେମିତିକି ମକା ଓ କାନ୍ଦୁଲର ଅନ୍ତଃଗୃଷ ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି, ଯାହାଦ୍ୱାରା ପ୍ରତ୍ୟେକ ପରିବାର ସ୍ୱଳ୍ପଜମିରୁ ଅଧିକ ଉତ୍ପାଦନ ସହ ଆର୍ଥିକ ସଫଳତା ମଧ୍ୟ ପାଇପାରିବେ । ଏତଦ୍‌ବ୍ୟତୀତ ଫସଲ ବିବିଧତା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି ।

## ବିଭିନ୍ନ ଶସ୍ୟ ଜାତୀୟ କାର୍ଯ୍ୟକ୍ରମ ବିବରଣୀ

| ଋତୁ | ଶସ୍ୟର ନାମ | କିସମ | ମୋଟ ଏରିଆ(ହେ.) | ମୋଟ ଗୃଷୀ ସଂଖ୍ୟା | ମୋଟ ଗ୍ରାମ |
|---|---|---|---|---|---|
| ୨୦୧୫-୧୬ | | | | | |
| ଖରିଫ୍ | ମାଣ୍ଡିଆ | ଜିପିୟୁ-୬୭ | ୦.୫ | ୧୦ | ୦୩ |
| | ମକା ଓ କାନ୍ଦୁଲ | ମକା(ଏନ୍‌ଏମ୍‌ଏଚ୍-୫୧)<br>କାନ୍ଦୁଲ (ଏନ୍‌ଟିଏଲ୍-୩୦) | ୦.୭ | ୧୩ | ୦୪ |
| ରବି | ମୁଗ | ଏସ୍‌ଏମ୍‌ଏଲ୍-୬୬୮ | ୯.୭ | ୧୫ | ୦୭ |
| | ବିରି | ଟିକେ ୯୪-୨ | ୩.୬ | ୧୬ | ୦୭ |
| ୨୦୧୬-୧୭ | | | | | |
| ଖରିଫ୍ | ମାଣ୍ଡିଆ | ଜିପିୟୁ-୬୭,ଭୈରବି,ଶୁଭ୍ରା | ୨୭ | ୨୩୮ | ୨୧ |
| | ମକା ଓ କାନ୍ଦୁଲ | ମକା(ଏନ୍‌ଏମ୍‌ଏଚ୍- ୩୬୬୨)<br>କାନ୍ଦୁଲ (ଏନ୍‌ଟିଏଲ୍-୩୦) | ୧୪.୫ | ୨୭୬ | ୨୧ |
| | କନ୍ଦମୂଳ | ଏସ୍‌ଟି -୧୪<br>କମଳା ସୁନ୍ଦରୀ | ୨ | ୮୦ | ୦୮ |
| ରବି | ମାଣ୍ଡିଆ | ଭୈରବି | ୧୨ | ୮୪ | ୦୩ |
| | ବିରି | ପିୟୁ-୩୫ | ୮.୪ | ୫୪ | ୧୦ |
| | ମୁଗ | ନୟାଗଡ଼ ଲୋକାଲ<br>ଆଇପିଏମ୍-୦୨-୦୩ | ୧୨ | ୮୮ | ୧୧ |







## ପାକଶାଳା ବଗିଚ୍




ପାକଶାଳ ବଗିଚ୍ ର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଲୋକମାନଙ୍କ ମଧ୍ୟରେ ପୁଷ୍ଟି ସଚେତନତା ସୃଷ୍ଟି କରିବା ସହ ଫଳମୂଳ ଓ ପନିପରିବା ଖାଇବା ଉପରେ ଗୁରୁତ୍ୱାରୋପ କରିବା । ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଫସଲର ବିହନ, କନ୍ଦା ଜାତୀୟ, ଫଳ ଜାତୀୟ ବୃକ୍ଷ ଇତ୍ୟାଦି ପ୍ରତ୍ୟେକ ଘରେ ପ୍ରଦାନ କରା ଯାଇଛି । ଯେଉଁ ଚାଷୀଙ୍କ ଘରପାଖେ ଜମିର ପରିମାଣ କମ ଅଛି, ସେମାନେ ଘର ଠାରୁ ଅଳ୍ପ ଦୂରରେ ଥିବା ଜମିରେ ଏହା ଲଗାଇଛନ୍ତି । ସ୍କୁଲ୍‌ମାନଙ୍କରେ ଥିବା ପାକଶାଳା ବଗିଚ୍‌ରେ ଉତ୍ପାଦନ ହେଉଥିବା ପନିପରିବା ମଧ୍ୟାହ୍ନ ଭୋଜନରେ ବ୍ୟବହାର ହେଉଛି । କନ୍ଦା ଜାତୀୟ ମାନଙ୍କ ମଧ୍ୟରେ କମଳା ରଙ୍ଗଯୁକ୍ତ କନ୍ଦମୂଳକୁ ଅଧିକ ମାତ୍ରାରେ ପ୍ରୋତ୍ସାହିତ କରାଯାଉଅଛି, ଯାହାକି ଭିଟାମିନ 'କ' ଅଭାବକୁ ଦୂରୀକରଣ କରିବାରେ ସାହାଯ୍ୟ କରିଥାଏ ।

## ପ୍ରାଣୀଧନ



ଯେଉଁ ଚାଷୀଙ୍କ ପାଖରେ ପୋଖରୀ ଅଛି କିମ୍ବା ଯେଉଁଠି ଗୋଷ୍ଠି ପୋଖରୀର ସୁବିଧା ଅଛି ସେଠାରେ ମାଛଗୃଷ କରାଯାଇଛି । ତତ୍‌ସହିତ ମାଛ ଚାଷ ଓ ପୋଖରୀର ପରିଚାଳନା ନିମନ୍ତେ ବିଭିନ୍ନ ପ୍ରକାରର ତାଲିମ ଶିବିରର ଆୟୋଜନ ମଧ୍ୟ କରାଯାଇଛି ।

## ପୁଷ୍ଟିଗତ ସଚେତନତା

ପୁଷ୍ଟିଗତ ସଚେତନତା ଏହି ଗବେଷଣାର ଏକ ମୁଖ୍ୟ ଅଙ୍ଗ ଅଟେ । ଏହା ଦ୍ୱାରା କୃଷି କ୍ଷେତ୍ରରେ ବିକାଶ ଆଣିବା ସଙ୍ଗେସଙ୍ଗେ ଲୋକମାନଙ୍କୁ ପୁଷ୍ଟି ବିଷୟରେ ସଚେତନ କରିବା ସହ ମହିଳା ଏବଂ ଛୋଟ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ସମ୍ବନ୍ଧରେ ଅବଗତ କରାଯାଉଛି । ଏହା ଏକ ଦଳଗତ ସାମୂହିକ ଗବେଷଣା ଯେଉଁଥିରେ ଚିରନ୍ତନତାକୁ ଦୃଷ୍ଟିରେ ରଖି ବଛାଯାଇଥିବା ଗ୍ରାମର ବିଭିନ୍ନ ସଂପ୍ରଦାୟର ସଭ୍ୟଙ୍କୁ ପୁଷ୍ଟି ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି କରାଯାଉଛି । କୃଷି ଓ ପ୍ରାଣୀଧନ ସଂସ୍ଥା ତରଫରୁ ଏହି ଅଞ୍ଚଳର ବିକାଶ ଘଟାଇବା ଦିଗରେ କିଛି ନିର୍ଦ୍ଦେଶାବଳୀ ଏବଂ ସହାୟତା ମଧ୍ୟ ପ୍ରଦାନ କରାଯାଉଛି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ୭ଟି ଗ୍ରାମରେ କାର୍ଯ୍ୟରତ ଥିବା ଏହି ଏଫ୍.ଏସ୍.ଏନ୍ କାର୍ଯ୍ୟକ୍ରମଟି କୃଷି କ୍ଷେତ୍ରରେ ଉତ୍ପାଦନ ବଢେଇବା ସହ ଲାଭ ଆଣିପାରିଛି । ଏହା ସହ ପୁଷ୍ଟିଗତ ସଚେତନତା, ଖାଦ୍ୟର ବିଭିନ୍ନତା, ପୁଷ୍ଟିଜନିତ ଖାଦ୍ୟ ଓ ସନ୍ତୁଳିତ ଆହାର ସମ୍ବନ୍ଧରେ ସମ୍ୟକ ଧାରଣା ଆଣିପାରିଛି ।





୨୦୧୬-୧୭ ବର୍ଷ ଠାରୁ ଏହି କାର୍ଯ୍ୟକ୍ରମଟି ବିଭିନ୍ନ ଅଞ୍ଚଳକୁ ସଂପ୍ରସାରିତ ହୋଇଛି । ଯାହାଫଳରେ ଚାଷୀ ସଂଖ୍ୟା ବୃଦ୍ଧି ସହ ଅଧିକ ଉତ୍ପାଦନ ଓ ପୁଷ୍ଟି ଯୁକ୍ତ ଫସଲ ମଧ୍ୟ ଉପଲବ୍ଧ ହୋଇ ପାରିଛି । ଆଶା କରାଯାଉଛି ଆଗାମୀ ଦିନରେ କୃଷି ଏବଂ ପୋଷଣ କ୍ଷେତ୍ରରେ ଅଧିକରୁ ଅଧିକ ଲୋକ ଏହି ପ୍ରଣାଳୀକୁ ଅନୁସରଣ କରିବେ । କୃଷି ମାଧ୍ୟମରେ ପୋଷଣ ପାଇବାର ପ୍ରଭାବ ଆଗାମୀ ଦିନରେ ଦେଶରେ ଅନ୍ୟ ଜୈବ ପରିସଂସ୍ଥା ମାନଙ୍କରେ ପୁନରାବୃତି ହେବ ବୋଲି ଆଶା ଓ ବିଶ୍ୱାସ ।

ଏପ୍ରିଲ - ୨୦୧୭

**ମୂଳ ଲେଖା:** ଏଲିଜା ପ୍ରଧାନ, ସଂଯୋଜକ, ଏଫ୍ ଏସ୍ ଏନ୍ ଅଧ୍ୟୟନ, ଲାନ୍‌ସା; ଅକ୍ଷୟ କୁମାର ପଣ୍ଡା, ସଂଯୋଜକ, ଏଫ୍ ଏସ୍ ଏନ୍ ଅଧ୍ୟୟନ, କୋରାପୁଟ; ଏବଂ ଆର୍.ଭି.ଭବାନୀ, କାର୍ଯ୍ୟକ୍ରମ ପରିଚାଳକ, ଲାନ୍‌ସା, ଏମ୍.ଏସ୍.ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ।

**ଓଡିଆ ଅନୁବାଦ:** ଅକ୍ଷୟ କୁମାର ପଣ୍ଡା, ସଂଯୋଜକ, ଏଫ୍ ଏସ୍ ଏନ୍ ଅଧ୍ୟୟନ, କୋରାପୁଟ; ଜଗନ୍ନାଥ ନାୟକ, ବୈଷୟିକ ସହାୟକ; ନରେଶ ଚନ୍ଦ୍ର ପାତ୍ର, ବୈଷୟିକ ସହାୟକ; ଏଫ୍ ଏସ୍ ଏନ୍ ଅଧ୍ୟୟନ, କୋରାପୁଟ ।

**ବୈଷୟିକ ସହାୟତା:** ଜଗନ୍ନାଥ ନାୟକ, ବୈଷୟିକ ସହାୟକ, ଏଫ୍ ଏସ୍ ଏନ୍ ଅଧ୍ୟୟନ, କୋରାପୁଟ ।

This study is part of ongoing research under the LANSA Research Consortium and is funded by UK Aid from Government. This views expressed do not necessarily reflect the UK government's official policies.

ଏମ୍. ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍, ଆଂଚଳିକ କେନ୍ଦ୍ର, ଫୁଲବାଡ, ଉମୁରୀ ପୋଷ୍ଟ, ଜୟପୁର, କୋରାପୁଟ, ଓଡିଶା, ପିନ୍-୭୬୪୦୦୨